# ରାଜସ୍ୱ ମନ୍ତ୍ରୀଙ୍କ ଅଚାନକ କେନ୍ଦୁଝର ଜିଲ୍ଲା ଗସ୍ତ ଓ ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ





କେନ୍ଦୁଝର, ତା ୧୯.୦୯.                    ଓଡିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଚଳିତ ସେପ୍ଟେମ୍ବର ୧୯ ତାରିଖ ଗୁରୁବାର ଦିନ ଅଚାନକ କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ସରକାରୀ ଭାବେ କୌଣସି ପୂର୍ବ ସୂଚନା ନଥିଲେ ମଧ୍ୟ ଗୁରୁବାର ଦିନ ପ୍ରାୟ ପୂର୍ବାହ୍ନ ଘ ୧୧.୩୦ ମିନିଟ୍ ମୟରେ ଘଟଗାଁରେ ପଂହଚି ମା' ତାରିଣୀଙ୍କୁ ଦର୍ଶନ କରିଥିଲେ । ଏହାପରେ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଘଟଗାଁ ତହସିଲ ପରିଦର୍ଶନ କରିଥିଲେ । ତହସିଲର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସହିତ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ କିପରି କାର୍ଯ୍ୟକାରୀ ହେଉଛି ତାହା ତଦାରଖ କରିଥିଲେ । ତହସିଲସ୍ତରରେ ବିଭିନ୍ନ ନାମଦାରୀ ମକଦ୍ଦମା କିପରି ଫଇସଲା କରାଯାଉଛି, ବାସଗୃହଶୂନ୍ୟ ଲୋକମାନଙ୍କୁ କେତେ ଘରଡିହ ପଟ୍ଟା ବଂଟନ କରାଯାଇଛି, ବିଭିନ୍ନ ସୈରାତ୍ ଉତ୍ସଗୁଡିକ କିପରି ପରିଚାଳାଳନ କରାଯାଉଛି, ହିତାଧିକାରୀମାନଙ୍କୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି କି ନାହିଁ, ସରକାରୀ ଜମିର ରକ୍ଷଣାବେକ୍ଷଣ ଇତ୍ୟାଦି ବିଷୟରେ ବିଶଦ ଭାବେ ସମୀକ୍ଷା କରିଥିଲେ । ରାଜସ୍ୱ ବିଭାଗର ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା, ଲୋକମାନଙ୍କର ବିଭିନ୍ନ ଆପତି ଅଭିଯୋଗକୁ ତୁରନ୍ତ ସମାଧାନ କରିବା ଦିଗରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ତତ୍ପର ହେବା ପାଇଁ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ନିର୍ଦ୍ଦେଶ ଦେଇଥିଲେ । ଘଟଗାଁ ତହସିଲ ପରିଦର୍ଶନ ପରେ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କରଞ୍ଜିଆ ଗସ୍ତ କରିବା ରାସ୍ତାରେ ଅଚାନକ ପାଟଣା ଓ ସାହାରପଡା ତହସିଲ ମଧ୍ୟ ପରିଦର୍ଶନ କରିଥିଲେ ଏବଂ ସେଠାରେ ମଧ୍ୟ ଅନୁରୂପ ବିଭିନ୍ନ ରାଜସ୍ୱ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ସମସ୍ତ ସରକାରୀ କର୍ମଚାରୀମାନେ ନିଜ ନିଜର କାର୍ଯ୍ୟକୁ ସଠିକ୍ ଭାବରେ ସମ୍ପାଦନ କରିବା ସହିତ ଲୋକମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ତୁରନ୍ତ ବିଭିନ୍ନ ସେବା ଯୋଗାଇ ଦେବା ପାଇଁ ତାଗିଦ୍ କରିଥିଲେ । ବିଭିନ୍ନ ପ୍ରକାର ପ୍ରାକୃତିକ ବିପତିକୁ ସାମନା କରିବା ପାଇଁ ସର୍ବଦା ସଜାଗ ରହିବା ସହିତ ସର୍ପାଘାତ, ବଜ୍ରପାତ, ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଲୋକମାନଙ୍କର ନିକଟତମ ସମ୍ପର୍କୀୟମାନଙ୍କୁ ତୁରନ୍ତ ସରକାରଙ୍କର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀଙ୍କର ଏପରି ଅଚାନକ ପରିଦର୍ଶନରେ ତହସିଲ୍ କର୍ମଚାରୀମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା ଏବଂ ମନ୍ତ୍ରୀଙ୍କର ଏତାଦୃଶ ଗସ୍ତ କାର୍ଯ୍ୟକ୍ରମକୁ ଜନସାଧାରଣରେ ପ୍ରଶଂସା କରାଯାଇଛି । ମନ୍ତ୍ରୀଙ୍କର ଅଚାନକ ପରିଦର୍ଶନ ସମୟରେ ବ୍ୟକ୍ତିଗତ ସଚିବ ସରୋଜ କୁମାର ସାହୁ ଏବଂ କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର